## ସୁସ୍ଥ ଓ ସ୍ୱାଭାବିକ

# ରାମଚଣ୍ଡୀରେ ବୋଦାବଳି

■ ନରୋତ୍ତମ ବେହେରା
ସ୍ୱାଧୀନତା ସଂଗ୍ରାମୀ, ବଣିପୁର, ମାର୍ଶାଘାଇ

ଜମ୍ବୁ ଅଞ୍ଚଳରେ, ରାମଚଣ୍ଡୀ ଠାକୁରାଣୀଙ୍କ ପାଖରେ ପ୍ରତିବର୍ଷ ପଣା ସଂକ୍ରାନ୍ତିରେ ଏକ ବଡ଼ ଧରଣର ଯାତ୍ରା ହୁଏ । ସେହିଦିନ ଠାକୁରାଣୀଙ୍କ ପାଖରେ ଲୋକଙ୍କ ମାନସିକ ପୂରଣ ନାଁରେ ଅସଂଖ୍ୟ ବୋଦାବଳି ଦିଆଯାଇଥାଏ; ଏହାଛଡ଼ା ଅନେକ ଲୋକ କୁକୁଡ଼ା ଆଣି ମଧ୍ୟ ମା'ଙ୍କ ପାଖରେ ଛାଡ଼ିଦିଅନ୍ତି । ରାମଚଣ୍ଡୀ ଠାକୁରାଣୀ ଘନ ଜଙ୍ଗଲ ଭିତରେ ଅବସ୍ଥାପିତ ଏବଂ ଏହାର ଚତୁର୍ଦ୍ଦିଗ ଘଞ୍ଚ ଜଙ୍ଗଲ ତଥା ହିଂସ୍ରଜନ୍ତୁରେ ପରିପୂର୍ଣ୍ଣ । ପଣାସଂକ୍ରାନ୍ତି ଦିନ ଯେଉଁ ସମୂହ ବୋଦାବଳି ପଡ଼େ, ସେଥିରୁ ପ୍ରତ୍ୟେକ ବଳିର ମୁଣ୍ଡ ଜମିଦାରଙ୍କ ପାଣ୍ଠିକୁ ଯାଏ । ସେ ବାବଦରେ ଗୋଟିଏ ଦିନରେ ହଜାର ହଜାର ଟଙ୍କା ଆୟ ହୋଇଥାଏ ।

ଗୋପବନ୍ଧୁ ସେବା ସଂଘ ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ଆମେ ଏଠା ବଳିପ୍ରଥା ଉଚ୍ଛେଦ ନିମିତ୍ତ ସ୍ଥିରକଲୁ । ଠିକ୍ ବୋଦାବଳି ପୂର୍ବରୁ ଆମେ କେତେକ ବଛାବଛା କର୍ମୀ ପ୍ରଥମେ ଅର୍ଗଳି, ଯେଉଁଠାରେ ବୋଦା ବଳି ପଡ଼େ, ତା'ର ଚାରିପାଖରେ କୁଣ୍ଡଳୀ ଆକାରରେ ଘେରାଉ କରି ବସି ସୂତାକଟା ଓ ରାମଧୂନ ଆରମ୍ଭ କରିଦେଲୁ । ଜମିଦାର ଓ ସେବାୟତଙ୍କ ତରଫରୁ ଖୁବ୍ ଉଦ୍ୟମ ଚାଲିଥାଏ, ଆମକୁ ଜବରଦସ୍ତ ଉଠାଇଦେଇ ବୋଦାବଳି ଆରମ୍ଭ କରିବାକୁ । ଆମ୍ଭେ ଏହାଜାଣିପାରି ସଭାକାର୍ଯ୍ୟ ଆରମ୍ଭ କରିଦେଲୁ । ଜଣକ ପରେ ଜଣେ ବକ୍ତୃତା ଦେଇ କହିଲେ ଯେ କୌଣସି ଦେବୀ ଜୀବଜଗତର ମା' ସ୍ୱରୂପା । ସେ କେବଳ ନିଜ ସନ୍ତାନର ରକ୍ତ ଖାଇବାକୁ ଚାହେଁନାହିଁ । ଆମର ଅଜ୍ଞତା ଯୋଗୁଁ ଆମେ ମା'ଙ୍କ ପାଖରେ ବୋଦାବଳି ପକାଉଛୁ । ବୋଦା ମାନସିକ ଦ୍ୱାରା କୌଣସି ରୋଗ ଭଲହୁଏ ନାହିଁ, ବରଂ ଔଷଧପତ୍ର ଦ୍ୱାରା ରୋଗ ଭଲ ହୋଇଥାଏ । ମାନସିକ ଯାତ୍ରୀମାନେ ଦେଖିଲେ ଯେ ଆଉ ଦେବୀଙ୍କ ପାଖରେ ବଳି ପଡ଼ିବାର ସମ୍ଭାବନା ନାହିଁ । ରାତି ପାହାନ୍ତା ବେଳକୁ ସେମାନେ ଘରବାହୁଡ଼ା ହୋଇ ସଙ୍ଗରେ ଆଣିଥିବା ବୋଦା ଓ କୁକୁଡ଼ା ସବୁକୁ ଜଙ୍ଗଲରେ ଛାଡ଼ିଦେଇ ଚାଲିଗଲେ । ଆଉ କେତେକ ଯାତ୍ରୀ ମନେକଲେ, ଏ ସୁଯୋଗ ଛାଡ଼ିବାର ନୁହେଁ । ଛଡ଼ାଯାଇଥିବା ବୋଦା ଓ କୁକୁଡ଼ାଗୁଡ଼ିକୁ ଯିଏ ଯାହା ପାଇଲେ, ସେଠାରୁ ନେଇ ପଳାଇଗଲେ । ବୋଦାବଳି ନପଡ଼ିବାରୁ ଜମିଦାରଙ୍କ ଆଣ୍ଠୁ ଭାଙ୍ଗିଗଲା, ଯଦିଓ ରକ୍ଷଣଶୀଳ ଲୋକେ ସେଠାରେ ପ୍ରଚାର କଲେ ଯେ, ରାମଚଣ୍ଡୀ ମା' ଗୋଟି ଗୋଟି କରି ଏମାନଙ୍କ ବେକ ମୋଡ଼ି ଖାଇବ; କିନ୍ତୁ ଆମ୍ଭେମାନେ ଜିତାପଟ ମନରେ ଶିବିର ଭାଙ୍ଗି ଘରକୁ ଫେରିଲୁ । ବାଟରେ ଶୁଣିବାକୁ ପାଇଲୁ, ଶହ ଶହ ବର୍ଷଧରି ଚାଲିଆସୁଥିବା ବୋଦାବଳିକୁ ଆମେ ବନ୍ଦ କରିଥିବାରୁ କିଛି ଲୋକଙ୍କ ମନରେ ଆମ ପ୍ରତି ଘୃଣାଭାବ ଜାତ ହୋଇଛି । ତା'ପରେ ଦୁଇଦିନ ଧରି ମୋ ନାଁରେ ଚାରିଆଡ଼େ ପ୍ରଘଟ ହୋଇଗଲା ଯେ ମୁଁ ବଳିପ୍ରଥାର ପ୍ରତିବାଦରେ ମୁଖ୍ୟ ଭାଗ ନେଇଥିବାରୁ ରାମଚଣ୍ଡୀ ମା' ମୋତେ ହଇଜାରେ ପକାଇ ମାରିଦେଇଛନ୍ତି । ଏପରିକି ମୋର କେତେକ ବନ୍ଧୁବାନ୍ଧବ ମଧ୍ୟ ଏକଥା ଶୁଣି ମୋତେ ଦେଖିବାକୁ ଆସିଲେ; କିନ୍ତୁ ମୋତେ ସୁସ୍ଥ ଓ ସ୍ୱାଭାବିକ ଦେଖି ଆନନ୍ଦରେ ନିଜ ନିଜ ଘରକୁ ଫେରିଗଲେ ।

*(ସମାଜ - ୦୪/୦୨/୨୦୦୭)*

❖ ❖ ❖